# Akashvani, Sambalpur

## SAMBALPURI NEWS EVENING BULLETIN

## 28 August 2025- 7.02 pm- 7.12 pm.

*********************************************

୧- ପଶ୍ଚିମ ଓଡ଼ିଶା ନ ପାଲିତ୍ ହେଇଛେ କୃଷିଭିତିକ ପର୍ବ ନୂଆଖାଇ - ଶୁଭେଛା ଜନାଲେ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ।

- ମା ସମଲେଇଙ୍କର୍ ନ ନୂଆ ଲାଗ୍‌ଲା ଉତ୍‌ରୁ ଚାର୍‌ହିଆଡ଼େ ପାଲନ୍ ହେଉଛେ ନୂଆଖାଇ ଭେଟ୍‌ଘାଟ୍ ।

୨- ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ଆଉ ଲିଙ୍ଗଗତ ସମାନତାକେ ତହଁକଉଥିବା ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନାକେ ପୁର୍‌ଲା ୧୧ ବଛର୍ ।

ଆଉର୍

୩- ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍‌ନୁ ମୁଲ୍ ହେବା ୨ ଦିନିଆ ଅନୁସୂଚିତ ଜାତି ଆଉ ଜନଜାତି ସଂସଦୀୟ କମିଟିର୍ ଜାତୀୟ ସମ୍ମିଲନୀ ।

ନୂଆଖାଇ ଆର୍‌ଏନ୍‌ୟୁ/ ସମ୍ବଲପୁର/ସମ୍ବଲ୍‌ପୁର୍ ସମ୍ବାଦଦାତା

ମହାନ୍ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ସାରା ପଶ୍ଚିମ ଓଡ଼ିଶା ଚଲ୍‌ଚଂଚଲ୍ ହେଇଛେ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ସଖାଲର୍ ୧୦ ବାଜିକରି ୩୩ ମିନିଟ୍‌ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍‌ରେ ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଠାନେ ନବାନ୍ନ ଲାଗି ହେଇଛେ । ପଶ୍ଚିମ ଓଡ଼ିଶାର୍ ଅଲ୍‌ଗା ଶକ୍ତିପୀଠ ଭିତ୍‌ରେ କଲାହାଣ୍ଡିର୍ ମା ମାଣିକେଶ୍ୱରୀ, ଜୁନାଗଡ଼୍‌ର ମା ଲଙ୍କେଶ୍ୱରୀ, ବଲାଙ୍ଗିର୍ ଆର୍ ପାଟ୍‌ନାଗଡ଼୍‌ର ମା ପାଟଣେଶ୍ୱରୀ ଆର୍ ସୁବର୍ଣ୍ଣପୁର୍‌ର ମା ସୁରେଶ୍ୱରୀଙ୍କର୍ ନ ନୂଆ ଲଗାଯାଇଥିଲା । ନୂଆଖାଇକେ ନେଇକରି ସମଲେଶ୍ୱରୀ ମନ୍ଦିର୍ ପୂଜକ ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍...

(ଭଏସ୍ ଓଭର୍- ମନ୍ଦିର ପୂଜାରୀ)

ଇଷ୍ଟଦେବୀଙ୍କର୍ ପାଶେ ପହେଲା ଖାଦ୍ୟ ଶସ୍ୟ ଭୋଗ୍ ଲଗାବାର୍ ଉତ୍‌ରୁ ପରିବାର୍‌ର ସଦସ୍ୟମାନେ ନୂଆ ଖାଇଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୃଷିଭିତିକ ଗଣପର୍ବ ନୂଆଖାଇ ଅବ୍‌ସରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଚାଷ୍ ଲାଗି ସମ୍ମାନ୍ ଆଉ ଚାଷୀମାନ୍‌କର୍ ଲାଗି କୃତଜ୍ଞତା ଇ ପରବ୍‌ର ଖାସିଅତ୍ ଆଏ ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର

ମୋଦୀ ନୂଆଖାଇର୍ ଶୁଭେଚ୍ଛା ଜନେଇକରି କହିଛନ୍, ଆଝିର୍ ଦିନ୍ ସବୁ ଚାଷୀମାନ୍‌କର୍ ଲାଗି ଗଭୀର୍ କୃତଜ୍ଞତାର୍ ସୁର୍‌ତା କରାସି । ନୂଆଖାଇ ସବୁ ଘରେ ଭଲ୍ ସ୍ୱାସ୍ଥ୍ୟ, ସମୃଦ୍ଧି ଆଉ ଖୁସି ଆନିଦଉ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ନୂଆଖାଇ ଆମର୍ ସଂସ୍କୃତି, ସମୃଦ୍ଧି ଆଉ ଏକତାର୍ ପ୍ରତୀକ ଆଏ । ଇ ଗଣପର୍ବ ସମ୍‌କର୍ ଜୀବନ୍‌ଥି ନୂଆଁ ଆଶା ଭରିଦଉ ବଲି ଶ୍ରୀ ମାଝୀ କାମ୍‌ନା କରିଛନ୍ । ନୂଆଖାଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍‌କୁ ଶୁଭେଚ୍ଛା ଜନବାର୍ ସହେତେ ଭଲ୍ ସ୍ୱାସ୍ଥ୍ୟ ଆଉ ଉନ୍ନତି କାମନା କରିଛନ୍ । ସମ୍ବଲ୍‌ପୁର୍ ସହରର୍ ସିନ୍ଦୁର୍‌ପଙ୍କ ଠାନେ ଥିବା ଜଗନ୍ନାଥ୍ ମନ୍ଦିର୍ ନ ଦର୍ଶନ୍ କରିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ପୂଜାର୍ଚ୍ଚନା କରିଛନ୍ ।

ନୂଆଖାଇ-ଜିଲ୍ଲା

ସୁବର୍ଣ୍ଣପୁର୍/ କଲାହାଣ୍ଡି/ ବଲାଙ୍ଗିର୍/ ନୂଆପଡ଼ା/ ବୌଦ୍ଧ

ବର୍‌ଗଡ୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଠାନେ ଅଧ୍‌ରାତି ନବାନ୍ନ ଲାଗି କରାଯାଇଛେ । ପରମ୍ପରା ଅନ୍‌ସାରେ ଦେବୀଙ୍କର୍ ସେବକ, ଝାଙ୍କର୍, ମା'ଙ୍କୁ ନୂଆବସ୍ତ୍ର ପିନ୍ଧେଇକରି

ତାକର ପୂଜଅର୍ଚ୍ଚନା କଲା ଉତ୍‌ରୁ ନୂଆ ଚାଉଲ୍‌ଥି ତିଆର୍ ହେଇଥିବା ଭୁଗକେ ଦେବୀଙ୍କୁ ଅର୍ପଣ୍ କରିଛନ୍ । ବଲାଙ୍ଗିର୍‌ର ଅଧିଷ୍ଠାତ୍ରୀ ଦେବୀ ମା ପାଟଣେଶ୍ୱରୀ ଆଉ ମା ସମଲେଶ୍ୱରୀଙ୍କର୍ ସହେତେ ଅଲ୍‌ଗା ଦେବାଦେବୀ ପୀଠ ନ ନବାନ୍ନ ଲାଗି କରାଯାଇଛେ । ସବୁ ବଛର୍ ବାଗିର୍ ଇ ବଛର୍ ଭିଲ୍ ବଲାଙ୍ଗିର୍ ଶୈଳଶ୍ରୀ ପେଲେସ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ପରିବାର୍ ଆଉ ଅନଙ୍ଗ ଉଦୟ ସିଂହଦେଓଙ୍କର୍ ପରିବାର୍ ଏକାସାଙ୍ଗେ ମିଶିକରି ନୂଆ ଖାଇଛନ୍ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜ୍‌ପରିବାର୍ ତର୍‌ଫୁ ଗଡ଼ରକ୍ଷକ୍ ଦେବୀ ରକ୍ତମ୍ବରୀ ଆର୍ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ପୂଜାରୀ ଛତ୍ରିଆମାନେ ଜୁଗାର୍ ଧରିକରି ମା'ଙ୍କର୍ ପାଶେ ନୂଆ ଧାନର୍ ଚୁରା  ଭୋଗ୍ ଲଗେଇଛନ୍ ।

କଲାହାଣ୍ଡି ଜିଲ୍ଲା ନ ଘରେ ଘରେ ପିଠାପନା ସହେତେ ରକମ୍ ରକମ୍‌ର ଖାଏବାର୍ ଦରବ୍ ତିଆର୍ କରିକରି ଭାଇଚାରାର୍ ତିହାର୍ ନୂଆଖାଇକେ ଉସ୍‌ନାକିଥି ପାଲନ୍ କରିଛନ୍ । ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କର୍ ପାଶେ ପାହୁର୍ ଭୋଗ୍ ଲଗାଯାଇଛେ । ଇ ବାବ୍‌ଦେ ଆମର୍ ସମ୍ବାଦଦାତା ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍...

(ଭଏସ୍ ଓଭର୍- ସୁବର୍ଣ୍ଣପୁର୍ ସମ୍ବାଦଦାତା)

ବୌଦ୍ଧ ଗଡ଼ର୍ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ପୀଠ ନ ଆଏଜ୍ ସଖାଲର୍ ୧୦ ବାଜିକରି ୪୫ ମିନିଟ୍‌ଥି ନବାନ୍ନ ଲାଗି କରାଯାଇଛେ । ମହାନଦୀ ନ ପୂଜା କରିକରି ମହାନଦୀର୍ ପବିତ୍ର ଜଲ୍‌କେ ଗୁଟେ ଶୋଭାଯାତ୍ରାଥି ଅନାଯାଇକରି ଦେବୀଙ୍କର୍ ଲାଗି ନବାନ୍ନ ତିଆର୍ କରାଯାଇଥିଲା । ଇ ଅବ୍‌ସରେ ମନ୍ଦିର୍ ଶିଘେ ନୂଆଁ ଧ୍ୱଜା ବାନ୍ଧ୍‌ବାର୍ ପରମ୍ପରା ରହିଛେ । ଭୈରବୀଙ୍କର୍ ଠାନେ ମହାଆଲ୍‌ତୀ କରାଯିବାର୍ ଉତ୍‌ରୁ ଭକ୍ତମାନେ ସାମୂହିକ୍ ଭାବେ ଦେବୀଙ୍କର୍ ପ୍ରସାଦ୍ ପାଇକରି ନୂଆଖାଇ ପାଲନ୍ କରିଛନ୍ ।

ନୂଆଖାଇ ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ କୃଷିଭିତିକ ଗଣପର୍ବ ନୂଆଖାଇ ସମ୍ବଲ୍‌ପୁର୍ ନ ଉସତ୍ ଉସ୍‌ନାକିଥି ପାଲିତ୍ ହେଇଯାଇଛେ । ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ନବାନ୍ନ ଭୋଗ୍ ଲଗାଯିବାର୍ ଉତ୍‌ରୁ ସାରା ସହର୍ ନ ଲୁକେ ନିଜର୍ ନିଜର୍ ଘରେ ନୂଆ ଖାଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ସମଲେଶ୍ୱରୀ ମନ୍ଦିର୍ ଯାଇକରି ମା'ଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ନୂଆ ଖାଇଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍...

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସମ୍ବଲ୍‌ପୁର୍ ସହରେ ଭିନ୍ ଭିନ୍ ଜାଗା ନ ଆଏଜ୍ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଓଡ଼ିଶା ସାଂସ୍କୃତିକ୍ ସମାଜ୍ ତର୍ଫୁ ତପସ୍ୱିନୀ ପ୍ରେକ୍ଷାଳୟ ନ ଚାଲିଥିବା ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେଇଛନ୍ ।

ପିଏମ୍ ଜନ୍‌ଧନ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନମନ୍ତ୍ରୀ ଜନଧନ୍ ଯୋଜ୍‌ନାକେ ଆଏଜ୍ ୧୧ ବଛର୍ ପୁରିଛେ । ଗରିବ୍ ଲୋକ୍‌ମାନ୍‌କୁ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍‌ଥି ଲିଙ୍ଗଗତ ସମାନତାଥି ତହଁକାବାର୍ ଦିଗେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଯୋଜ୍‌ନା ମୁଲ୍ କରିଛନ୍ । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

*ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନା ପୁର୍‌ଥିର୍ ସବୁନୁ ବଡ଼ ଆର୍ଥିକ୍ ପଦକ୍ଷେପ୍ ଆଏ । ଯେନ୍‌ଟା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହା ଅଗଷ୍ଟ ମାସର୍ ୧୫ ତାରିଖ୍ ଲାଲ୍‌କିଲ୍ଲା ନ ଘୋଷ୍‌ନା କରିଥିଲେ । ଇ ଯୋଜ୍‌ନା ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ଉପରେ ଗୁଟେ ଜାତୀୟ ମିଶନ୍ ଆଏ, ଯେନ୍‌ଟା ଦେଶର୍ ସବୁ*

ପରିବାର୍‌କେ ବେଙ୍କିଙ୍ଗ୍ ସେବା ଦେବାର୍ ଲାଗି ଗୁଟେ ସମନ୍ୱିତ୍ ଆଭିମୁଖ୍ୟ ରଖିଛେ । ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନା ଅଧୀନ୍‌ଥି ଟଙ୍କା ଉଠାବାର୍ ଲାଗି ଡେବିଟ୍ କାର୍ଡ୍ ସହେତେ ୨ ଲାଖ୍ ଟଙ୍କା ତକ୍ ମାହାଲିଆ ଦୁର୍ଘଟଣା ବୀମା, ଛୋଟ୍ ଋଣ, ଓଭର୍‌ଡ୍ରାଫ୍ଟ ପେନ୍‌ସନ୍ ସୁବିଧା ମିଲିପାରୁଛେ । ଏକାଉଂଟ୍‌ଧାରୀମାନ୍‌କୁ ସ୍ୱଦେଶୀ ଡେବିଟ୍ କାର୍ଡ୍ ଭିଲ୍ ଦିଆଯାଉଛେ । କେନ୍‌ସି ଭିଲ୍ ବେଙ୍କ୍ ଶାଖା ନାହେତ ବେଙ୍କ୍ ମିତ୍ର ଆଉଟ୍‌ଲେଟ୍ ନ ଜିରୋ ବେଲେନ୍ସ୍‌ଥି ଏକାଉଂଟ୍ ଖୁଲ୍‌ବାର୍ ସମ୍ଭବ୍ ହେଇପାରୁଛେ । ସବୁ ବେଙ୍କ୍ ଏକାଉଂଟ୍ ମାନ୍‌କର୍ କୋର୍ ବେଙ୍କିଙ୍ଗ ସିଷ୍ଟମ୍ ରହିଛେ ।

ସର୍‌କାରୀ ତଥ୍ୟ ଅନ୍‌ସାରେ ଇ ମାସର୍ ମଝିତକ୍ ଇ ଯୋଜ୍‌ନାଥି ୫୬ କୋଟି ୧୬ ଲାଖ୍ ନୁ ଅଏତ୍‌କା ବେଙ୍କ୍ ଜମା ଖାତା ଖୁଲାଯାଇଛେ । ଇ ସମିଆ ଭିତ୍‌ରେ ହିତାଧିକାରୀମାନେ ୨ ଲାଖ୍ ୬୭ ହଜାର୍ କୋଟି ଟଙ୍କା ବେଙ୍କ୍‌ଥି ଜମା କରିଛନ୍ । ଇ ଯୋଜ୍‌ନା ଗ୍ରାମାଂଚଲ୍ ଆଉ ସହରାଂଚଲ୍ କ୍ଷେତ୍ରଥି ସାଧାରଣ୍ ଲୁକ୍‌କୁ ଆର୍ଥିକ୍ ସାହାଜ୍ ଦେଇକରି ଗୁଟେ ଦଶନ୍ଧିର୍ ଯାତ୍ରା ପାର୍ କରିଛେ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ       ଏନ୍‌ଏସ୍‌ଡି

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍‌ଠାନୁ ଦୁଇ ଦିନିଆ ଅନୁସୂଚିତ ଜାତି ଆଉ ଜନଜାତି ସଂସଦୀୟ କମିଟି ଜାତୀୟ ସମ୍ମିଳନୀ ମୁଲ୍ ହେବା । ପହେଲାଥର୍ ଲାଗି ଇ ସମ୍ମିଳନୀ

ଦିଲ୍ଲୀ ନୁ ବାହାରେ ହେବାର୍‌କେ ଯାଉଛେ । ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଲନୀକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଶ୍ରୀ ବିର୍ଲା ଇ ଅବ୍‌ସରେ ଗୁଟେ ପ୍ରଦର୍ଶନୀ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସ୍ମରଣିକା ଉନ୍ମୋଚନ୍ କର୍‌ବେ । ସମ୍ମିଲନୀଥି ସଂସଦ୍ ଆର୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ବିଧାନ୍‌ସଭା ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ସମିତିର୍ ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍ ସହେତେ ଶହେ ୨୦ ନୁ ଅଏତ୍‌କା ପ୍ରତିନିଧି ଭାଗ୍ ନେବେ ।

ପୁନର୍ବାସ୍ କେନ୍ଦ୍ର ଉଦ୍‌ଘାଟନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ବାଲିବନ୍ଧା ଠାନେ ଅତ୍ୟାଧୁନିକ୍ ପୁନର୍ବାସ୍ କେନ୍ଦ୍ରର୍ ଉଦ୍‌ଘାଟନ୍ ହେଇଛେ । କେନ୍ଦ୍ରମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଖାଇ ଅବ୍‌ସରେ ଇ କେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଦିବ୍ୟାଙ୍ଗ ମାନ୍‌କୁ କିଟ୍ ବଂଟାଯାଇଛେ । ଇ ଅବ୍‌ସରେ ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ରଙ୍କର୍ ସହେତେ ଜିଲ୍ଲାର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ପଶ୍ଚିମ -ଉତର୍ ପଶ୍ଚିମ୍ ଦିଗ୍କେ ଗତି କରୁଛେ । ଇତାର୍ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ମାଲ୍କାନ୍ଗିରି, କୋରାପୁଟ୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏଜ୍ ଚଡ଼କ୍ ମାର୍ବାର୍ ସହେତେ ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫ୍ରୁ କୁହାଯାଇଛେ ।